ଧୃଷ୍ଟକେତୁଶ୍ଚେକିତାନଃ କାଶିରାଜଶ୍ଚ ବୀର୍ଯ୍ୟବାଦ୍ ।
ପୁରୁଜିତ୍କୁନ୍ତିଭୋଜଶ୍ଚ ଶୈବ୍ୟଶ୍ଚ ନରପୁଙ୍ଗବଃ ॥

ସକାଳ

ଜୀବନ ନିର୍ବାହ

ଭାରତ ବର୍ଷର ଜନଜୀବନ, ଇତିହାସ ସବୁକିଛିକୁ ଦେଖିଲେ ଏହାର ବିବିଧତା ସୁସ୍ପଷ୍ଟ । ସମଗ୍ର ବିଶ୍ୱ ଭୂଖଣ୍ଡକୁ ମାନବୀୟ ମୂଲ୍ୟବୋଧର ମାର୍ଗ ଦେଖାଉଥିବା ଏହି ଗଣତାନ୍ତ୍ରିକ ରାଷ୍ଟ୍ରରେ ସର୍ବଧର୍ମ ସମନ୍ୱୟର ମହାମିଳନ ହୋଇଛି । ଭାରତର ସମସ୍ତ ରାଜ୍ୟରେ ସବୁଧର୍ମ, ସବୁ ବର୍ଣ୍ଣ, ସବୁ ମତର ଲୋକମାନେ ନିରାପଦରେ ବେଶ୍ ଶାନ୍ତିର ସହ ଜୀବନଯାପନ କରନ୍ତି । ଭାରତ ବର୍ଷର ରାଜନୀତି ଠାରୁ ଇତିହାସ ସବୁକିଛିକୁ ଦେଖିଲେ ଜଣଯାଏ ଯେ ବର୍ଷ ବର୍ଷ ଧରି ଏହି ରାଷ୍ଟ୍ର ସଂଖ୍ୟାଲଘୁ ମାନଙ୍କ ପାଇଁ ଅନେକ କିଛି ଯୋଜନା ଓ ନୀତି ପ୍ରଣୟନ ଭିତରେ ବେଶ୍ ଖୁସି ଓ ଶାନ୍ତିର ସହ ନିଜର ଜୀବନ ଜୀବିକା ନିର୍ବାହ କରୁଛନ୍ତି । ସ୍ୱତନ୍ତ୍ର ପ୍ରଣୟନ କରି ସେମାନଙ୍କୁ ସେମାନଙ୍କର ଜୀବନ ମାନବୃଦ୍ଧି ପାଇଁ ଅନେକ କିଛି କ୍ରାନ୍ତୀକାରୀ ଯୋଜନା ମଧ୍ୟ ହାତକୁ ନେଇଛନ୍ତି । ଆଜି ସମଗ୍ର ଭାରତବର୍ଷରେ ସମସ୍ତେ ଭାଇଭାଇ ପରି ଚଳୁଛନ୍ତି । 'ବସୁଧୈବକଃ କୁଟୁମ୍ବକମ୍' ଅର୍ଥାତ୍ ଏହି ମାଆ ବସୁଧା ଉପରେ ଆମେ ଜୀବନ ନିର୍ବାହ କରୁଥିବା ସମସ୍ତେ ହେଉଛେ ଗୋଟିଏ ପରିବାରର ସଦସ୍ୟ ପରି । ଏହି ଦେଶରେ ଜଣେ ହିନ୍ଦୁ ହେଉ କି ମୁସ୍‌ଲମାନ, ଖ୍ରୀଷ୍ଟିୟାନ ହେଉ କି ଜୈନ, ବୌଦ୍ଧ ହେଉ ବା ଜୁପିଟର ସମସ୍ତେ ଗୋଟିଏ ପରିଚୟ ନେଇ ଚଳନ୍ତି ତାହାହେଉଛି ଆମ୍ଭେମାନେ ଭାରତୀୟ । ଏହା ହିଁ ହେଉଛି ଏହି ରାଷ୍ଟ୍ରର ମୂଳଭିତ୍ତି । ଭାରତୀୟତାର ମହାମନ୍ତ୍ରକୁ ନେଇ ବର୍ଷ ବର୍ଷ ଧରି ସ୍ୱାଧୀନତା ପୂର୍ବରୁ ମଧ୍ୟ ସମସ୍ତେ ଗୋଟିଏ ପରିଚୟ ନେଇ ବେଶ ସୁଖ ଓ ଶାନ୍ତିରେ ଚଳି ଆସୁଛନ୍ତି । ତାହାହେଉଛି ଆମ୍ଭେମାନେ ଭାରତ ମାତାର ସନ୍ତାନ । ଏହି ରାଷ୍ଟ୍ରର ଗର୍ବ ଓ ଗୌରବକୁ କ୍ଷୁର୍ଣ୍ଣ ପାଇଁ ଆମ୍ଭେମାନେ ଏପରି କୌଣସି କାର୍ଯ୍ୟ କରିବା ନାହିଁ ଯାହାକୁ ନେଇ ବିଶ୍ୱ ଦରବାରରେ ଆମ ରାଷ୍ଟ୍ରର ଅବମୂଲ୍ୟାୟନ ହେବ । ମାନବୀୟ ମୂଲ୍ୟବୋଧକୁ ନେଇ ଭାରତୀୟମାନେ ଶାନ୍ତିର ସହ ଜୀବନଯାପନ କରୁଥିବାବେଳେ ତଥାପି ଅନେକ ସମୟରେ ଭୁଲ ବୁଝାମଣାର ଶିକାର ହୋଇଥାଏ ଏହି ମଣିଷ । ନିଜ ଭାଇଟିକୁ, ନିଜ ବନ୍ଧୁଟିକୁ ସେ ସାମୂହିକ ବୁଝାମଣାର ଅଭାବର ତାଡ଼ନାରେ ତାର କ୍ଷତି ପାଇଁ କିଛି ଏପରି କାର୍ଯ୍ୟ କରିଥାଏ ଯାହାକୁ ସିଏ ପରବର୍ତ୍ତୀ ସମୟରେ ପଶ୍ଚାତାପ୍ କରିଥାଏ ସତ ତଥାପି କିନ୍ତୁ ଦୁଃଖର ଚିହ୍ନ ରହିଯାଏ । ଦୁନିଆରେ ଗୋଟିଏ ଜାତି ଅଛି ତାହା ହେଉଛି ମଣିଷ ଜାତି, ଆଉ ଦୁନିଆରେ ସେହି ପବିତ୍ର ହୃଦୟରେ ବିରାଜିତ ସ୍ୱୟଂ ସର୍ବନିୟନ୍ତା ହୃଦୟେଶ୍ୱର । ମଣିଷ ଜାତିର ପରିଚୟକୁ ନେଇ ବର୍ଷ ବର୍ଷ ଧରି ସହପରିବାର ସୁଖ ଓ ଶାନ୍ତିରେ ଜୀବନ ନିର୍ବାହ କରୁଥିବା ଭାରତୀୟଟି ଆଜି କ୍ଷତବିକ୍ଷତ ହେଉଛି । ଗୁଜୁରାଟ ହେଉ ବା ଆସାମ, ମୁମ୍ବାଇ ହେଉ ବା ନୂଆଦିଲ୍ଲୀ ଯେଉଁଠି ବି ଭୁଲ ବୁଝାମଣାର ଶିକାର ହୋଇ ଭାଇଚାରା ବିପନ୍ନ ହୋଇଛି ସେଠିବି ମଣିଷପଣିଆ ଯେ ବଞ୍ଚି ରହିଛି ତାହାର ଅନେକ କିଛି ଉଦାହରଣ ମିଳିଥାଏ । ତାହାଲେ ପ୍ରଶ୍ନ ଉଠେ ଆମ୍ଭେମାନେ ମଣିଷ ଜାତି ହୋଇବି ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ ଏସବୁର ମାନେବା କ'ଣ ? ମଣିଷ ପଣିଆ ହେଉଛି ସମସ୍ତଙ୍କୁ ଭଲପାଇବାର ଆଉ ସମସ୍ତଙ୍କ ସେବାକରି ନିଃସ୍ୱାର୍ଥପର ହୃଦୟରେ ପବିତ୍ର ଠାକୁରଙ୍କ ନାମ ସହ ଶାନ୍ତିରେ ଜୀବନଯାପନ କରିବା ସହ ଅନ୍ୟ ଜଣଙ୍କୁ ଶାନ୍ତିରେ ଜୀବନ ବିତେଇବାର ସୁଯୋଗ ସୃଷ୍ଟିକରିବା । ଭାରତ ବର୍ଷର ବିଭିନ୍ନ ସ୍ଥାନରେ ଆଜି ସଂଖ୍ୟାଲଘୁମାନେ ବେଶ୍ ସୁଖ ଓ ଶାନ୍ତିର ସହ ଜୀବନଯାପନ କରୁଥିବାବେଳେ କ୍ୱଚିତ୍ ସ୍ୱାର୍ଥଲିପ୍‌ସୁ ଚରିତ୍ରଙ୍କ ଭୁଲ ବୁଝାମଣାର ଶିକାର ହୋଇ ହଠାତ୍ ବନ୍ଧୁଟି ପାଇଁ ଶତ୍ରୁ ପାଲଟିଯାଏ । ସେ ଭୁଲିଯାଏ ସେହି ବନ୍ଧୁଟିଏ ବି ଦିନେ ତା ଦୁଃଖରେ ତା ଲୁହ ପୋଛିଛି ଆଉ ସେହି ବନ୍ଧୁଟି ପାଇଁ ସେ ଦିନେ ଆକାତରରେ ରକ୍ତ ନିଗାଡ଼ିଛି ତାହାଲେ ବର୍ତ୍ତମାନ ତା ରକ୍ତରେ କ'ଣ ପାଇଁ ସେ ହୋରି ଖେଳିବ ? ଆମ ସମାଜରେ ତଥାକଥିତ କିଛି ଚରିତ୍ର ରହିଛନ୍ତି ଯେଉଁମାନେ ଭାଇ ଭାଇ, ବନ୍ଧୁ ବନ୍ଧୁ ଭିତରେ ବିଭେଦ ଓ କୁହେଳି ସୃଷ୍ଟି କରି ନିଜ ସ୍ୱାର୍ଥସାଧନ କରନ୍ତି । ଏହି ଭାରତବର୍ଷର ବିଭିନ୍ନ ସ୍ଥାନ ଭ୍ରମଣ କଲାବେଳେ ଏହି ଲେଖକବି ଦେଖିଛି କିଛି ସ୍ଥାନରେ ସଂଖ୍ୟାଲଘୁମାନେ ଖୁବ୍ କମ୍ ସଂଖ୍ୟାରେ ଥିଲେ ବି ବୃହତ୍ ଗୋଷ୍ଠୀରେ ତାଙ୍କରି ପାଖରେ ରହୁଥିବା ଅନ୍ୟ ଭାଇମାନଙ୍କ ସାହାଯ୍ୟ ଓ ସହଯୋଗ ସବୁବେଳେ ପାଇଛନ୍ତି । ବେଶ୍ ସୁଖ ଓ ଶାନ୍ତିରେ ଦୁଇ ଭାଇ ପରି ଆଉ ଗୋଟିଏ ମାଆର ସନ୍ତାନ ପରି ସେମାନେ ଜୀବନ ବିତାଉଛନ୍ତି । ସଂଖ୍ୟାଲଘୁ ଭାଇଭଉଣୀଙ୍କ କଲ୍ୟାଣ ପାଇଁ କେବଳ ଦାୟିତ୍ୱ ସରକାରଙ୍କ ନୁହେଁ ସମସ୍ତଙ୍କର । କାରଣ ଯେଉଁମାନେ ବି ସଂଖ୍ୟାଲଘୁ ସେମାନେ ଆମର ଭାଇ, ଆମର ଭଉଣୀ, ଆମରି ପିଲା, ସର୍ବୋପରି ଆମରି ସୁଖଦୁଃଖର ଲୁହ ପୋଛୁଥିବା ବନ୍ଧୁଟିଏ । ତାହେଲେ ସେମାନଙ୍କ କ୍ଷତି ଆମ୍ଭେମାନେ କିପରି ବା ଚିନ୍ତା କରିବା ? ସଂଖ୍ୟାଲଘୁମାନଙ୍କ ଭିତରେ ଯେତେବେଳେ ବି ଯେଉଁସ୍ଥାନରେ ସଙ୍କଟ ଦେଖାଦେଇଛି ସେଠାରେ ସରକାରଙ୍କ ଠାରୁ ବରଂ ଯଥାସମ୍ଭବ ସାହାଯ୍ୟର ହାତ ଲମ୍ବିଛି ଆଉ ଜଣେ ସଂଖ୍ୟାଗରିଷ୍ଠ ଭାଇଟିର ବା ବନ୍ଧୁଟିର । କିଛି ତଥାକଥିତ ସ୍ୱାର୍ଥଲିପ୍‌ସୁ ଚରିତ୍ରଙ୍କ କୁଟିଳତାର ଶିକାର ହୋଇ କିପରି ସେ ଭାଇମାନଙ୍କ କ୍ଷତି ଆମେ ଚାହିଁପାରିବା ? ଆଜି ସଂଖ୍ୟାଲଘୁ ଅଧିକାର ଦିବସ ଅବସରରେ ଏହି ପବିତ୍ର ଦିନରେ ସମସ୍ତଙ୍କର ଚିନ୍ତନ ହେଉ ସେହି ଭାଇ ଆଉ ସେହି ବନ୍ଧୁମାନଙ୍କ ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ନିଜ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱକୁ ସୂଚାରୁରୂପେ ନିର୍ବାହ ପାଇଁ ଅଙ୍ଗୀକାରବଦ୍ଧ ହେବା ଏହା ହିଁ ହେବ ଜଣେ ଯଥାର୍ଥ ଭାରତୀୟର କର୍ତ୍ତବ୍ୟବୋଧ ।

ସୀତା ଓ ସୂର୍ପଣଖା

ସୂର୍ପଣଖା ରାବଣର ଭଉଣୀ । କାଳ କଞ୍ଜବଂଶୀୟ ମହାବଳଶାଳୀ ଦାନବ ବିଦ୍ୟୁତ୍‌ଜିହ୍ୱାକୁ ବିବାହ କରିଥିଲା ସୂର୍ପଣଖା । କୌଶଳ କ୍ରମେ ସୂର୍ପଣଖାର ପତିଙ୍କୁ ରାବଣ ମାରିଦେଲା । ଫଳରେ ସେ ସ୍ୱତନ୍ତ୍ର ଜୀବନ ବିତାଇବା ପାଇଁ ଆଗ୍ରହ ପ୍ରକାଶ କଲା । କାରଣ ମର୍ଯ୍ୟାଦା ଓ ଆକଟରେ ରହିବା ପାଇଁ ସୂର୍ପଣଖା ଚାହୁଁନଥିଲା କିନ୍ତୁ ନାରୀ ସ୍ୱତନ୍ତ୍ର ହୋଇ ଭ୍ରମଣ କରିବା ସମାଜ ପାଇଁ ଘାତକ ଓ ତା'ର ବ୍ୟକ୍ତିଗତ ଜୀବନରେ ଭୟଙ୍କର ସମସ୍ୟା ସୃଷ୍ଟି ହୁଏ । ସୂର୍ପଣଖା ଏକାକୀ ସ୍ୱତନ୍ତ୍ର ହୋଇ ଭ୍ରମଣ କରିବା ସମୟରେ ଦୃଷ୍ଟି ପଡ଼ିଲା ଶ୍ରୀରାମଙ୍କ ସୌନ୍ଦର୍ଯ୍ୟ ଉପରେ । ମନରେ କାମାଗ୍ନି ଜଳିଲା । ଭୋଗ ଲାଳସା ପ୍ରବଳ ହେଲା । ବିଚାର କଲା, ଯଦି ଏ ପୁରୁଷକୁ ବିବାହ କରେ, ତାହାହେଲେ ଜୀବନଭରି କାମ ସୁଖ ଭୋଗ କରିବି । ଏହା ତ ସୂର୍ପଣଖାର ସବୁଠାରୁ ଦୁର୍ବଳତା ଥିଲା । ଆଖିରେ ପୁରୁଷର ସୌନ୍ଦର୍ଯ୍ୟକୁ ଦେଖିବା ଦୋଷ ନୁହେଁ ସେ ସୁନ୍ଦରତାକୁ ଦେଖି ମନରେ କାମ ଉପଭୋଗର ଇଚ୍ଛାକରିବା ଦୋଷାବହ । ଆଜି ସମାଜରେ ଏହିଭଳି ଦୁର୍ବଳମାନସିକତା ନାରୀଙ୍କ ସଂଖ୍ୟା କମ୍ ନାହିଁ । ଫଳରେ ନାରୀ ସ୍ୱାଧୀନତା ସ୍ୱେଚ୍ଛାଚାରିତାର ରୂପ ନେଉଛି । ସଭ୍ୟ ସମାଜ ପାଇଁ ଏକ ଅଭିଶାପ ପାଲଟୁଛି । କାମନା ବାସନାରେ ଜର୍ଜରିତ ସୂର୍ପଣଖାର ଅନୁଭବ ହେଲା ଯେ ଏହି ସୌନ୍ଦର୍ଯ୍ୟନିଧି ପୁରୁଷକୁ ପାଇବାକୁ ହେଲେ ନିଜ ଶରୀରକୁ ସଜାଇବାର ଅଛି । ତେଣୁ ସେ ନିଜକୁ ସୁନ୍ଦରୀଭାବରେ ସଜାଇ ଶ୍ରୀରାମଙ୍କ ପାଖକୁ ଯାଇଛି । ଲଜ୍ଜାହୀନ ହୋଇ ଶ୍ରୀରାମଙ୍କୁ ବିବାହ କରିବାକୁ ପ୍ରସ୍ତାବ ଦେଇଛି । ପ୍ରଭୁ ସୂର୍ପଣଖାର ମନୋଭାବକୁ ଅସ୍ୱୀକାର କଲେ । ପଠାଇଲେ ଲକ୍ଷ୍ମଣଙ୍କ ପାଖକୁ । ଲକ୍ଷ୍ମଣଙ୍କ ପାଖକୁ ସୂର୍ପଣଖା ତୁରନ୍ତ ଯାଇ ତାଙ୍କୁ ପ୍ରଣୟ ପ୍ରାର୍ଥନା କଲେ ।

ପରିବହନରେ ପରିବର୍ତ୍ତନ

ସୌମେନ୍ଦ୍ର ଜେନା

ଦେଶରେ ପରିବହନ ବ୍ୟବସ୍ଥା ହିଁ ବିକାଶର ମାର୍ଗକୁ ପ୍ରଶସ୍ଥ କରିଥାଏ । କାରଣ ଏହା ଅର୍ଥନୀତିର ଅଗ୍ରଗତିକୁ ଦ୍ରୁତତର କରିଥାଏ । ଭାରତରେ ସେହି ଅଗ୍ରଗତିକୁ ଅତିପ୍ରଖର କରିବା ଉଦ୍ଦେଶ୍ୟରେ ଅନେକ ପ୍ରୟାସ ଓ ପ୍ରୟୋଗ ଜାରି ରହିଛି । ସେମିତି ଦେଶର ପରିବହନ ସହ ବିଦେଶରେ ପରିବହନ ପାଇଁ ମଧ୍ୟ ଭାରତ ଏବେ ପାଖପଡୋଶୀ ରାଷ୍ଟ୍ରରେ ଅର୍ଥ ବିନିଯୋଗ କରିବାରେ ଲାଗିଛି । ସଡକଠୁ ରେଳମାର୍ଗ, ଜଳମାର୍ଗ ଓ ଆକାଶମାର୍ଗରେ ମଧ୍ୟ ଏହି ପରିବର୍ତ୍ତନ ଏବେ କ୍ରିୟାଶୀଳ ରହିଛି । ତେବେ କେବଳ ସଡକପଥ ସଂପର୍କରେ ଆଲୋଚନା କରାଯାଉ ।

ଦେଶର ଜାତୀୟ ରାଜପଥକୁ ନୂଆରୂପ ଦେବାଲାଗି ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସରକାର ସମୟରେ ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନା ହୋଇଥିଲା । ଦେଶର ଚାରୋଟି ବଡ ସହର ନୂଆଦିଲ୍ଲୀ, କୋଲକାତା, ମୁମ୍ବାଇ ଓ ଚେନ୍ନାଇକୁ ଯୋଡିବାପାଇଁ ଏହି ଯୋଜନାର ଲକ୍ଷ୍ୟ ଥିଲା । ଏହାଛଡା ଅନ୍ୟ ଏକ ରାଜପଥ ପୂର୍ବରେ ଆସାମର ସିଲଚରଠାରୁ ପଶ୍ଚିମରେ ଗୁଜରାଟର ପୋରବନ୍ଦର ଯାଏ ଯାହାକୁ ଇଷ୍ଟ ୱେଷ୍ଟ କରିଡର କୁହାଯାଉଛି ଏବଂ ସେମିତି ଅନ୍ୟ ଏକ ରାଜପଥ ଉତ୍ତରରେ ଶ୍ରୀନଗରଠାରୁ ଦକ୍ଷିଣରେ କନ୍ୟାକୁମାରୀ ଯାଏ । ଯାହାକୁ ନର୍ଥ ସାଉଥ କରିଡର କୁହାଯାଉଛି, ତାହା ଦେଶକୁ ଯୋଡିବାରେ ସହାୟକ ହୋଇଛି । ଶ୍ରୀନଗର-କନ୍ୟାକୁମାରୀ ରାଜପଥ ଶ୍ରୀନଗର-ଜାମ୍ମୁ -ଜଳନ୍ଧର-ଦିଲ୍ଲୀ-ଆଗ୍ରା-ଗୋଆଲିଅର-ଝାନ୍‌ସୀ-ଲକ୍ଷ୍ମଡୋନ୍-ନାଗପୁର-ହାଇଦ୍ରାବାଦ-ହୋସୁର-ସାଲେମ-ମଦୁରାଇ-ହୋଇ କନ୍ୟାକୁମାରୀଠାରେ ଶେଷ ହୋଇଛି । ସେହିପରି ପୂର୍ବ-ପଶ୍ଚିମ କରିଡରଟି ଆସାମର ସିଲଚରଠାରୁ ବାହାରି ଗୌହାଟୀ-ପୂର୍ଣ୍ଣିଆ-ମୁଜଫରପୁର-ଗୋରଖପୁର-ଲକ୍ଷ୍ନୌ,-ଝାନ୍‌ସୀ-ଶିବପୁରୀ-ଉଦୟପୁର-ରାଜକୋଟ ହୋଇ ପୋରବନ୍ଦରଠାରେ ଶେଷ ହୋଇଛି ।

ସ୍ୱର୍ଣ୍ଣ ଚତୁର୍ଭୁଜ ସଡକ ପରିଯୋଜନାରେ ଦିଲ୍ଲୀରୁ-କୋଲକାତା ରାଜପଥଟି ଭାୟା ଆଗ୍ରା-କାନପୁର-ଆହ୍ଲାବାଦ ବାରଣାସୀ-ବରହୀ-ପାନାଗଡ ହୋଇଯାଇଛି । ସେମିତି କୋଲକାତାରୁ ଚେନ୍ନାଇକୁ ଯୋଡୁଥିବା ରାଜପଥଟି ଭାୟା ଖଡଗପୁର-ଭୁବନେଶ୍ୱର-ବିଶାଖାପାଟଣା-ବିଜୟୱାଡ଼ା-ଏଲୁରୁ-ଚିଲିକାଲୁରିପେଟ ହୋଇଯାଇଛି । ଚେନ୍ନାଇ ମୁମ୍ବାଇ ରାଜପଥ ଭାୟା ରାଣୀପେଟ ହୋସୁର ବାଙ୍ଗାଲୋର ଟୁମକୁର ବେଲଗାଉଁ ସତାରା ପୁନେ ହୋଇଯାଇଛି । ମୁମ୍ବାଇ ଦିଲ୍ଲୀ ରାଜପଥ ଭାୟା ସୁରତ ବଡୋଦଲା ଅହମ୍ମଦାବାଦ ଉଦୟପୁର ଆଜମେର ଜୟପୁର ଗୁରୁଗ୍ରାମ ହୋଇଯାଇଛି । ସଡକପଥ ଯୋଗାଯୋଗ କ୍ଷେତ୍ରରେ ସ୍ୱର୍ଣ୍ଣଚର୍ତୁର୍ଭୁଜ ସଡକ ପରିବହନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିପାରିଛି ।

କେବଳ ସେମିତି ନୁହେଁ ଏକଦା ୨୦୧୦-୧୧ରେ ଦେଶରେ ଦୈନିକ ୨କି.ମି ରାଜମାର୍ଗ ନିର୍ମାଣ ହେଉଥିବା ସମୟରେ ୨୦୧୧-୧୨ରେ ୩କି.ମି, ୨୦୧୨-୧୩ରେ ୨କି.ମି,୨୦୧୩-୧୪ରେ ୩କି.ମି ଯାଏ ବଢିଥିଲା । କିନ୍ତୁ ୨୦୧୪-୧୫ବେଳକୁ ତାହା ଦୈନିକ ୧୨କିମି, ୨୦୧୫-୧୬ରେ ୧୬.୬ କି.ମି,୨୦୧୬-୧୭ରେ ୨୨.୫ କି.ମି, ୨୦୧୭-୧୮ରେ ୨୮ କି.ମିରେ ପହଞ୍ଚିପାରିଛି । ଗତ ୪ବର୍ଷରେ ସଡକ ନିର୍ମାଣ କ୍ଷେତ୍ରରେ ୩,୦୦୦୦୦ କୋଟି ଟଙ୍କା ଖର୍ଚ୍ଚ ହେବା ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଯାହା ଫଳରେ ସଡକ ନିର୍ମାଣ କାର୍ଯ୍ୟ ୧୫୮ପ୍ରତିଶତ ବୃଦ୍ଧି ପାଇଛି । ତେଣୁ ୨୦୧୦ରୁ ୨୦୧୪ ମଧ୍ୟରେ ଦେଶରେ ୧୯,୪୪୪କି.ମି ସଡକ ନିର୍ମାଣ ହେବା ସମ୍ଭବ ହୋଇଥିଲାବେଳେ ୨୦୧୪-୧୮ବେଳକୁ ତାହା ବଢି ୨୮,୫୩୨ କି.ମିରେ ପହଞ୍ଚିଛି । କେନ୍ଦ୍ର ସରକାର ସଡକ କୋଷ ପରିମାଣରେ ୨୦୭.୬ ପ୍ରତିଶତ ବୃଦ୍ଧି କରିଛନ୍ତି । ଦେଶରେ ସଡକ ଓ ସେତୁଗୁଡିକର ଆଧୁନିକୀକରଣ ଓ ବିକାଶପାଇଁ ଏହା ଖର୍ଚ୍ଚ ହେଉଛି । ୨୦୧୦-୧୪ରେ ୯୩୫ଟି ପ୍ରକଳ୍ପରେ ୮୬୧୩.୫୧କୋଟି ଖର୍ଚ୍ଚ ହୋଇଥିଲାବେଳେ ୨୦୧୪-୧୮ ବେଳକୁ ଏହି ପ୍ରକଳ୍ପ ସଂଖ୍ୟା ୨୮୭୬କୁ ବୃଦ୍ଧି କରାଯାଇଛି ।

ସଡକପଥ ପରିବହନ କ୍ଷେତ୍ରରେ ବିଗତ ଚାରିବର୍ଷରେ ଅନେକ ନୂଆ ନୂଆ ପଦକ୍ଷେପ ଗ୍ରହଣ କରାଯାଇ ଜାତୀୟ ରାଜପଥ ପରିବହନ ବ୍ୟବସ୍ଥାକୁ ଅଧିକ ସୁରକ୍ଷିତ ଏବଂ ଆଧୁନିକ କରାଯାଇଛି । ଏହାଫଳରେ ଅନେକ ରୋଜଗାର ସୃଷ୍ଟି ହୋଇଛି । ଯେମିତି ୨୦୧୭ରେ ମୋଟରଯାନ ଆଇନର ସଂଶୋଧନ କରାଯାଇ ଦୁର୍ନୀତି ହ୍ରାସ କରାଯିବାକୁ ପଦକ୍ଷେପ ନିଆଯାଇଛି । ଟୋଲଆଦାୟ ହେଉଥିବା ଜାତୀୟ ରାଜପଥଗୁଡିକର ଟୋଲପ୍ଲାଜାମାନଙ୍କରେ ଇ-ଟୋଲ ଫାଷ୍ଟାଗ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବା ଯୋଗୁ ଧାଡି ହ୍ରାସ ପାଇଛି । ଏଲ୍‌ସିଭି ଏବଂ ଏଲଏମ୍‌ଭି ଚାଳକମାନଙ୍କ ପାଇଁ ବାଣିଜ୍ୟିକଯାନ ଲାଇସେନସ ବ୍ୟବସ୍ଥା ରହିନାହିଁ । ଅଳ୍ପଦୂର ଯାତ୍ରାପାଇଁ ଇ-ରିକସା ବ୍ୟବସ୍ଥା ହୋଇଛି । ୨୦୧୭ ମଧ୍ୟରେ ସଡକଗୁଡିକର ଆଧୁନିକୀକରଣ ଯୋଗୁ କ୍ଷୟକ୍ଷତି ୦.୨ ପ୍ରତିଶତରୁ ସ୍ଥଳ ବିଶେଷରେ ୧୫ ପ୍ରତିଶତ ଯାଏ ହ୍ରାସପାଇଛି । ସେହିପରି ଦେଶରେ ସଂଖ୍ୟାଧିକ କମ୍ପାନୀମାନେ ଚାରିଚକିଆ ଯାନର ବିକ୍ରି ବୃଦ୍ଧି କରୁଥିବା ଯୋଗୁ ସବୁ ଜିଲ୍ଲାରେ ଦକ୍ଷତା ବିକାଶ ପାଇଁ ଡ୍ରାଇଭିଂ ଟ୍ରେନିଂ ସ୍କୁଲ ଖୋଲାଯାଇଛି । ସଡକଗୁଡିକର ସୁରକ୍ଷାଲାଗି ବାର୍ଷିକ ଯୋଜନା ପ୍ରସ୍ତୁତ ହୋଇଛି । ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ପାଇଁ କ୍ଷତିପୂରଣ ପରିମାଣ ଅର୍ଥ ୫ଲକ୍ଷ ଯାଏଁ ବୃଦ୍ଧି କରାଯାଇଛି । ସଡକ ସୁରକ୍ଷା ସଚେତନତା ବାର୍ତ୍ତାର ପ୍ରସାର ଲାଗି ସ୍ୱେଚ୍ଛାସେବୀ ସଂଗଠନଗୁଡିକ ସହ ଅଂଶୀଦାରୀ ବ୍ୟବସ୍ଥା ହୋଇଛି । ସଡକରେ ପ୍ରଦୂଷଣ ହ୍ରାସ କରିବା ପାଇଁ ଗ୍ରୀନବସ୍ ଓ ଇଲେକଟ୍ରିକବସ୍ ଚଳାଚଳ କରାଯାଇଛି । ଯାନବାହନରୁ ନିର୍ଗତ ଧୂଆଁର ସ୍ତରରେ ପରିବର୍ତ୍ତନ ଅଣାଯାଇଛି । ବିଏସ୍ ୫ ଲାଗୁ କରାଯିବା ସହ ଜୈବ ଇନ୍ଧନ ବି-୧୦୦, ଫ୍ଲେକସ ଇନ୍ଧନ ଇ -୮୫, କିମ୍ବା ଇ-୧୦୦, ଇଥାନୋଲ୍ ଇଡି-୯୫, ମିଥାନୋଲ ଏମ୍-୧୫ କିମ୍ବା ଏମ୍-୧୦୦, ମିଥାନୋଲ ଏମ୍‌ଡି-୯୫ ପରି ନୂଆ ନୂଆ ସ୍ତରର ମିଶ୍ରିତ ଇନ୍ଧନ ପ୍ରୟୋଗକୁ ସ୍ୱୀକୃତି ପ୍ରଦାନ କରାଯାଇଛି ।

ଆଜିର ଦିନରେ ଯଦି ଦେଶରେ ୧୫ପ୍ରତିଶତ ମିଥାନୋଲ ପେଟ୍ରୋଲରେ ମିଶାଇ ବିକ୍ରି କରାଯାଏ ତେବେ ବିଦେଶରୁ ଆମଦାନୀ ହେଉଥିବା ଅଶୋଧିତ ତୈଳ ବାର୍ଷିକ ୩୧.୯ ମିଲିଅନ ଟନ ହ୍ରାସ ପାଇବ । ଜୈବ ଇନ୍ଧନ ପ୍ରୟୋଗ ହେଲେ ତୈଳଖର୍ଚ୍ଚ ଅନେକ ସଞ୍ଚୟ ହେବ । ଏମ-୧୫ ଇନ୍ଧନ ପ୍ରଚଳନରେ ୪୦ପ୍ରତିଶତ ପ୍ରଦୂଷଣ ହ୍ରାସ ପାଇବ । ଜୈବ ଇନ୍ଧନ ଦେଶରେ ଯାନବାହନ କ୍ଷେତ୍ରରେ ପ୍ରଦୂଷଣ ମାତ୍ରାକୁ ଅନେକ ପରିମାଣରେ ହ୍ରାସ କରିବାରେ ସହାୟକ ହୋଇପାରିବ ।

ସେହିପରି ଗାଡିଚାଳକ ଓ ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ଆଣ୍ଟିଲକ ସିଷ୍ଟମ ଯାନବାହନରେ କାର୍ଯ୍ୟକାରୀ କରାଯାଇଛି । ଏହା ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ସହାୟକ ହେବ । ଯାନବାହନର ଫିଟନେସ୍ ପରୀକ୍ଷା କରିବା ଲାଗି ମଡେଲ ଅଟୋମେଟେଡ୍ ସେଣ୍ଟରମାନ ଖୋଲା ଯାଇଛି । ଯାନବାହନର ଶ୍ରେଣୀ ଜାଣିବାପାଇଁ ଭେହିକଲ ଫ୍ଲିଟ ଆଧୁନିକୀକରଣ କାର୍ଯ୍ୟ ଜାରି ରହିଛି । ଡ୍ରାଇଭିଂ ବା ଗାଡିଚାଳନା ଲାଇସେନ୍‌ସ ପାଇବା ବ୍ୟବସ୍ଥାକୁ ସରଳ କରାଯାଇଛି । ପୃଥିବୀର ଅନ୍ୟାନ୍ୟ ଦେଶରେ ଗାଡିର ଗତି ଘଣ୍ଟାପ୍ରତି ୧୦୦ରୁ ୧୨୦କି.ମି ବେଗରେ ଯିବାପରି ଏଠାରେ ମଧ୍ୟ ଘଣ୍ଟାପ୍ରତି ସେତିକି ବେଗରେ ଯିବାଲାଗି ଉନ୍ନତ ସଡକର ବ୍ୟବସ୍ଥା ହୋଇଛି । ସହରାଞ୍ଚଳରେ ପ୍ରଦୂଷଣ ହ୍ରାସ କରିବା ଦ୍ୱାରା ଯାତ୍ରାକୁ ସୁରକ୍ଷିତ ଓ ସୁବିଧାଜନକ କରିବା ପାଇଁ ଟାକସି ନୀତିର ମାର୍ଗଦର୍ଶିକା କାର୍ଯ୍ୟକାରୀ ହୋଇଛି । ଦେଶରେ ଥିବା ସେତୁଗୁଡିକରେ ସୁରକ୍ଷା ତଥା ଗୁଣାତ୍ମକ ବିକାଶ ନିମନ୍ତେ ଭାରତୀୟ ସେତୁ ପରିଚାଳନା ବ୍ୟବସ୍ଥା ନାମରେ ଏକ ନିଆରା ବ୍ୟବସ୍ଥା ଦେଶରେ ଆରମ୍ଭ ହୋଇଛି । ଇତି ମଧ୍ୟରେ ଦେଶରେ ଥିବା ସାନବଡ ମୋଟ ୧୭୨.୫୯ଟି ପୋଲ ବା ସେତୁର ଅବସ୍ଥିତି ସଂଖ୍ୟା ଜିପିଏସ୍ ମାଧ୍ୟମରେ ପ୍ରଦାନ କରାଯାଇଛି । ଏହି ସେତୁଗୁଡିକର ଶ୍ରେଣୀ ବିଭାଜନ ଢାଞ୍ଚାଗତ ସ୍ଥିତି ଓ ସାମାଜିକ-ଆର୍ଥିକ ସ୍ଥିତିକୁ ନେଇ କରାଯାଇଛି ।

ସଡକ ନିର୍ମାଣ ପରେ ଯେଉଁ ସ୍ଥାନରେ ଅଧିକ ଦୁର୍ଘଟଣାମାନ ଘଟୁଛି ସେଗୁଡିକର ଚିହ୍ନଟ ପାଇଁ ଏକ ଅନନ୍ୟ ପରିଚୟ ସଂଖ୍ୟା ବ୍ୟବସ୍ଥା ଲାଗୁ ହୋଇଛି । ଦୁର୍ଘଟଣାପ୍ରବଣ ବା ବ୍ଲାକ୍ ସ୍ପଷ୍ଟ ସବୁ ଚିହ୍ନଟ କରାଯାଇ ଜାତୀୟ ରାଜପଥର ୭୮୯ଟି ସ୍ଥାନରେ ସତର୍କତା ଜାରି କରାଯିବା ସହ ୨୬୫ସ୍ଥାନକୁ ସଂଶୋଧନ କରାଯାଇଛି । ୩୧୮ ସ୍ଥାନରେ ଆବଶ୍ୟକ ସଂଶୋଧନ ପାଇଁ ପଦକ୍ଷେପ ନେବାକୁ ମଞ୍ଜୁରୀ ମିଳିସାରିଥିବା ବେଳେ ସେଗୁଡିକ କାର୍ଯ୍ୟକାରୀ ହେବାର ଭିନ୍ନ ଭିନ୍ନ ସ୍ତରରେ ରହିଛି । ତନ୍ମଧ୍ୟରୁ ୧୩୯ଟି ସ୍ଥାନ ରାଜ୍ୟସରକାରଙ୍କ ସଡକ କିମ୍ବା ଅନ୍ୟାନ୍ୟ ଏଜେନସୀ ଦାୟିତ୍ୱରେ ରହିଛି । ଅବଶିଷ୍ଟ ୬୭ଟି ସ୍ଥାନରେ ତ୍ରୁଟି ସଂଶୋଧନ ନିମନ୍ତେ ଅଲଗା ପଦକ୍ଷେପ ଗ୍ରହଣ କରାଯାଇଛି ।

ସଡକ ପରିବହନରେ ଗୁଣାତ୍ମକ ବିକାଶ ସମୟ ସଞ୍ଚୟ, ପ୍ରଦୂଷଣ ହ୍ରାସ, କ୍ଷୟକ୍ଷତି ହ୍ରାସ, ବ୍ୟକ୍ତି ଓ ଯାନର ସୁରକ୍ଷା ନିମନ୍ତେ ଯେଉଁସବୁ ପରିବର୍ତ୍ତନର କାର୍ଯ୍ୟ ଏବେ ଜାରି ରହିଛି ତାହା କ୍ରମଶଃ ଆମ ସଡକ ପରିବହନ ବ୍ୟବସ୍ଥାକୁ ଉନ୍ନତତର କରୁଛି । ଏଥିପାଇଁ ଗବେଷଣା ଜାରି ରଖିବାଲାଗି ଗବେଷଣା ଶିକ୍ଷାନୁଷ୍ଠାନଗୁଡିକ ସହ ଅନୁବନ୍ଧ ହେଉଛି । ଯଦି ପୃଥିବୀର ଅନ୍ୟ କେଉଠି କିଛି ନୂଆ ଉଦ୍‌ଭାବନ ହେଲା ସେହି ଜ୍ଞାନକୌଶଳକୁ ଲାଭ କରିବା ପାଇଁ ଉଦ୍ୟମ ହେଉଛି । ପରିବହନ କ୍ଷେତ୍ରରେ ଏହିସବୁ ପରିବର୍ତ୍ତନ ଏକ ନିରନ୍ତର ପ୍ରକ୍ରିୟା । ଏହା ଶେଷ ନୁହେଂ, ସବୁବେଳେ ଜାରିରହିବ । ଯାନବାହନର ସଂଖ୍ୟା ବୃଦ୍ଧି, ମାଲ ପରିବହନ କ୍ଷମତା, ଭାରବହନ କରିବା ପାଇଁ ସଡକଗୁଡିକର କ୍ଷମତାରେ ବୃଦ୍ଧି, ଚାଳକ ଓ ଯାତ୍ରୀଙ୍କ ସୁରକ୍ଷା ନିମନ୍ତେ ଆଧୁନିକୀକରଣ ପ୍ରକ୍ରିୟା ଭାରତର ପରିବହନ ବ୍ୟବସ୍ଥାକୁ ବିଶ୍ୱର ଅନ୍ୟଦେଶର ପରିବହନ ବ୍ୟବସ୍ଥା ସହ ସମକକ୍ଷ କରିବାକୁ ସକ୍ଷମ ହୋଇଛି ।

ଭାସ୍, ଭୁବନେଶ୍ୱର-୭୫୧୦୦୩

ସର୍ବଧର୍ମ ସମନ୍ୱୟର ପ୍ରତୀକ ବାବା ବୈକୁଣ୍ଠନାଥ

ବାବାଜୀ ବାଳକାନନ୍ଦ ଦାସ

ଉତ୍କଳ ମାଟିର କଟକ ଜିଲ୍ଲାସ୍ଥିତ ଟାଙ୍ଗୀ ଥାନା ଅନ୍ତର୍ଗତ ବିଶ୍ୱନାଥପୁର ଗ୍ରାମର ଏକ ଜମିଦାର ପରିବାରରେ ଜନ୍ମଗ୍ରହଣ କରି ପିଲାଦିନୁ ମାତା, ପିତାଙ୍କୁ ହରାଇ ମାତୁଳାଳୟରେ ଲାଳିତ ପାଳିତ ହୋଇ ବାଙ୍ଗଲାଦେଶ ସ୍ଥିତ କମାର ଜାନୀ ବନ୍ଦର ନିକଟସ୍ଥ ଯୋଗମାୟା ପୀଠର ଅଧ୍ୟକ୍ଷ ସ୍ୱାମୀ ନିରନ ବ୍ରହ୍ମଚାରୀଙ୍କ ଠାରୁ ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରି ତାଙ୍କ ନିର୍ଦ୍ଦେଶରେ ଜଳୌକା ଆନନ୍ଦଧାମରେ ଯୋଗ ସାଧନାରେ ସିଦ୍ଧି ଲାଭ କଲେ ଓ ସେ ଯେଉଁ ସତ୍ୟର ଅନୁଭବ ପ୍ରାପ୍ତହେଲେ ତାହା ସେ ବୀଜାତ୍ମିକ ମନ୍ତ୍ର ଭାବେ ଶିଷ୍ୟ ମାନଙ୍କୁ ଦାନ କରି ସେମାନଙ୍କର ମୋକ୍ଷର ମାର୍ଗକୁ ସୁଗମ କଲେ ।

ଧର୍ମ ଜଗତରେ ତାଙ୍କର ଏକ ବିଶେଷତ୍ୱ ହେଲା 'ସର୍ବଧର୍ମର ସମନ୍ୱୟ' । ତାଙ୍କର ଧର୍ମ ଥିଲା ମାନବ ଧର୍ମ । ଧର୍ମ ରାଜ୍ୟରେ ସେ ଥିଲେ ଅତ୍ୟନ୍ତ ଉଦାରବାଦୀ । ସତ୍ୟ ଓ ଅହିଂସା ହିଁ ସବୁ ଧର୍ମର ମୂଳତତ୍ତ୍ୱ । ଏହାକୁ ଛାଡି ଧର୍ମର ଅସ୍ତିତ୍ୱ ନାହିଁ



ବୋଲି ପ୍ରକାଶ କରିଛନ୍ତି ସନ୍ଥ ବୈକୁଣ୍ଠନାଥ -

ସତ୍ୟ, ଅହିଂସା ମାନବ ଧର୍ମ,
ମରମ ବୁଝି କରହୋ କର୍ମ,
ସତ୍ୟକୁ ଛାଡି
ଧରମ ନାହିଁ, ଆନରେ ମାତି ନହୁଅ ବାଇ ।

ତାଙ୍କ ମତରେ ହିନ୍ଦୁ, ମୁସଲିମ୍, ଶିଖ୍, ଇସାହି ଏହା କେବଳ ଧର୍ମର ଭିନ୍ନ ଭିନ୍ନ ନାମ । ହେଲେ ମୂଳ ତତ୍ୱହିଁ ଏକ ଏବଂ ପ୍ରତ୍ୟେକ ଧର୍ମର ଲକ୍ଷ୍ୟ ମଧ୍ୟ ଏକ । ଏଣୁ ପ୍ରତ୍ୟେକ ମନୁଷ୍ୟର ଧର୍ମହେଲା ମାନବ ଧର୍ମ ଯାହାକି ସତ୍ୟ ଓ ଅହିଂସା ଉପରେ ଆଧାରିତ ।

ବାବାଙ୍କ ସର୍ବଧର୍ମ ସମନ୍ୱୟ ପ୍ରାର୍ଥନା ବିଭିନ୍ନ ଜାତୀୟ ଓ ପ୍ରାଦେଶିକ ସ୍ତରୀୟ ଉତ୍ସବ ମାନଙ୍କରେ ଗାନ କରାଯାଏ , 'ଓଁ ତତ୍ ସତ୍ ଶ୍ରୀ ନାରାୟଣ ତୁ ପୁରୁଷୋତମ ଗୁରୁ ତୁ ....' । ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ବାର୍ଷିକ ଉତ୍ସବରେ ବାବାଙ୍କର ଏହି ଭଜନ ଗାନ କରାଯାଏ ସ୍ୱାଧୀନତା ସଂଗ୍ରାମୀ ଭବନରେ । ବାବାଙ୍କ ମତରେ ଯିଏ ଆଲ୍ଲା, ଯିଏ ଯିଶୁ, ସେ ହିଁ ରାମ, ସେ ହିଁ କୃଷ୍ଣ , ସେହିଁ ଶିବ ଇତ୍ୟାଦି । ଏଣୁ କୌଣସି ଧର୍ମ ଛୋଟ ନୁହେଁ କି କୌଣସି ଧର୍ମ ବଡ ନୁହେଁ । ଏ ସବୁର ଉଦ୍ଧର୍ବକୁ ଗଲେ ସବୁଧର୍ମ ସମାନ ତାହାହିଁ ହେଲା ମାବବ ଧର୍ମ । ଯାହାହିଁ ବାବାଙ୍କ ପ୍ରଚାରିତ ଧର୍ମ । ଅତଏବ ଧର୍ମକୁ ନେଇ ଆଜି ଦେଶ ଦେଶ ମଧ୍ୟରେ ଯେଉଁ ବିବାଦ ଓ ସଂଘର୍ଷ ଉପୁଜିଛି ତାହା କେବଳ ନ୍ୟସ୍ତ ସ୍ୱାର୍ଥ ଉଦ୍ଦେଶ୍ୟରେ । ବାସ୍ତବପକ୍ଷେ ଧର୍ମ ପ୍ରତି ଯଦି ନିଷ୍ଠା ଥାଆନ୍ତା, ଈଶ୍ୱରଙ୍କ ପ୍ରତି ଯଦି ଭକ୍ତି ଓ ଅନୁରାଗ ଥାଆନ୍ତା ତେବେ ଏହି ପ୍ରକାର ବିଦ୍ୱେଷ ହିଁ ନଥାନ୍ତା । ସମୟ ଆସିଛି, ବାବା ବୈକୁଣ୍ଠନାଥଙ୍କ ଉଦାରବାଦୀ ମାନବ ଧର୍ମକୁ ଆପଣାଇ ନେଲେ ବିଶ୍ୱକୁ ଧ୍ୱସଂ ମୁଖରୁ ରକ୍ଷା କରାଯାଇପାରିବ ବୋଲି ବିଶ୍ୱାସ ।

ଏକାମ୍ର ସତ୍ୟସେବା ଆଶ୍ରମ, ଭୁବନେଶ୍ୱର, ମୋ ୯୭୭୭୩୨୯୭୬୩

ବାୟୁ ପ୍ରଦୂଷଣର ମୃତ୍ୟୁ ଜାଲରେ ଲକ୍ଷାଧିକ ଶିଶୁ

ନାରାୟଣ ଚନ୍ଦ୍ର ବିଶ୍ୱାଳ

ବାକ୍‌ଶ୍ରବଣ ବିଶେଷଜ୍ଞ, କ୍ୟାପିଟାଲ ହସ୍ପିଟାଲ,
ଭୁବନେଶ୍ୱର, ମୋ : ୯୪୩୮୨୭୬୭୬୦

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ସର୍ବଶେଷ ତଥ୍ୟ ଅନୁଯାୟୀ ବାୟୁପ୍ରଦୂଷଣ ଯୋଗୁଁ ବିଶ୍ୱରେ ବାର୍ଷିକ ୫କୋଟି ୪୦ଲକ୍ଷ ଲୋକଙ୍କ ଜୀବନ ଅକାଳରେ ଝଡ଼ି ପଡ଼ୁଥିବାବେଳେ ଭାରତରେ ବର୍ଷକୁ ୧୧ଲକ୍ଷ ୯୮ହଜାର ଲୋକଙ୍କ ଜୀବନ ଚାଲିଯାଉଛି। ଅର୍ଥାତ୍ ଦିନକୁ ୩୨୮୩ଜଣ ଭାରତୀୟ ଏହି ଉଦ୍‌ବେଗଜନକ ବାୟୁପ୍ରଦୂଷଣର ଶିକାର ହେଉଛନ୍ତି। ସବୁଠାରୁ ଅଭାବନୀୟ ପ୍ରସଙ୍ଗ ହେଉଛି ୧୫ ବର୍ଷ ବୟସ ଭିତରେ ରହିଥିବା ହତଭାଗ୍ୟ ମୃତକଙ୍କ ସଂଖ୍ୟା ୧ଲକ୍ଷ ୯ହଜାର ୨୨ଜଣ। ସେହିପରି ସେମାନଙ୍କ ଭିତରୁ ୫ବର୍ଷ ବୟସ ଭିତରର ଶିଶୁ ହେଉଛନ୍ତି ୧ଲକ୍ଷ ୧ହଜାର ୭୮୮ଜଣ। ବିଶ୍ୱ ବ୍ୟାଙ୍କ ଅନ୍ୟ ଏକ ରିପୋର୍ଟରେ ସତର୍କ କରିଛନ୍ତି ଯେ ଉଦ୍‌ବେଗଜନକ ମହାମାରୀର ଭୟାନକ ରୂପ ନେଇଥିବା ଏହି ବାୟୁ ପ୍ରଦୂଷଣ ପାଇଁ ବାର୍ଷିକ ଅଭିବୃଦ୍ଧି ହାର ପାଖାପାଖି ୩% ହ୍ରାସ ପାଉଛି। ବିଗତ ପାଞ୍ଚବର୍ଷର ବିଭିନ୍ନ ପରିପାର୍ଶ୍ୱିକ ତଥ୍ୟକୁ ଅନୁଧ୍ୟାନ କରି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଉଲ୍ଲେଖ କରିଛି ଯେ ଯାନବାହାନ ସଂଖ୍ୟା ବୃଦ୍ଧି, ଖଣିଜ ପରିବହନ, ଦ୍ରୁତି ଶିଳ୍ପାୟନ, କୋଇଲାଭିତ୍ତିକ ଶକ୍ତି ପ୍ରକଳ୍ପ, ଶିଳ୍ପାଞ୍ଚଳରେ ପ୍ରଦୂଷଣର ମାତ୍ରା ଓ ଭାରତର ବିଶେଷକରି ଓଡ଼ିଶା ପରି ଦେଶର ବିଭିନ୍ନ ଜନଗହଳିପୂର୍ଣ୍ଣ ସହରର ଅବ୍ୟବସ୍ଥିତ କାର୍ଯ୍ୟକଳାପ ଏଥିପାଇଁ ଦାୟୀ। ଡିଜେଲ, କୋଇଲା ଓ ଅନ୍ୟ ଶିଳ୍ପ ଇନ୍ଧନ ଦହନରୁ ବାହାରୁ ଥିବା ବିଷାକ୍ତ ନାଇଟ୍ରୋଜେନ ଅକ୍ସାଇଡ଼୍, କାର୍ବନ ମନୋକ୍ସାଇଡ଼ ଓ ଡାଇଅକ୍ସାଇଡ଼୍, ଓଜନ, ଆମୋନିଆ, ସଲଫର ଡାଇଅକ୍ସାଇଡ଼୍ ପରି ବିଷାକ୍ତ ବାଷ୍ପ ବାୟୁମଣ୍ଡଳର ଧୂଳିକଣାକୁ ବ୍ୟାପକ କରିବା ସହ ବିଷାକ୍ତ କରିଦେଇଥାଏ। ଏହି ବିଷାକ୍ତ ବାଷ୍ପ ଧୂଳିକଣା ବାୟୁମଣ୍ଡଳରେ ଶୀଘ୍ର ବ୍ୟାପିବା ସହ ଏହା ଅତି କ୍ଷୁଦ୍ର କୁହାଯାଉଥିବା ବିଷାକ୍ତ ଧୂଳିକଣା ବା ପାର୍ଟିକୁଲେଟ୍ ମ୍ୟାଟର ବା ପିଏମ୍୧୦ ଓ ପିଏମ୍୨.୫। ଅନେକ ହୁଏତ ଜାଣିନଥାନ୍ତି ଏହି ପିଏମ୍୧୦ର ଗୁଲେଇ ହେଉଛି ମନୁଷ୍ୟ କେଶର ୧୦୦ ଭାଗରୁ ମାତ୍ର ୧ଭାଗ। ସେହିପରି ପିଏମ୍ ୨.୫ର ଗୋଲେଇ ହେଉଛି ଏହାଠାରୁ ଚାରିଗୁଣ କମ୍ ଅର୍ଥାତ୍ ଆମ୍ଭମାନଙ୍କର ଆଖପାଖର ବାୟୁମଣ୍ଡଳରେ ଘୁରି ବୁଲୁଥିବା ଏହି ବିଷାକ୍ତ ଧୂଳିକଣା ଆଖିରେ ଦିଶିବାର ଆଦୌ ସମ୍ଭାବନା ନାହିଁ ଯାହାକୁ ଆମେ ପ୍ରତିଦିନ ଶ୍ୱାସପ୍ରଶ୍ୱାସରେ ଗ୍ରହଣ କରିଥାଉ। ପ୍ରତିଦିନ ଆମ୍ଭେମାନେ ମିନିଟରେ ୭ରୁ ୮ଲିଟର ହିସାବରେ ଦେଖିଲେ ଦିନକୁ ୧୧ହଜାର ଲିଟରରୁ ଅଧିକ ବାୟୁ ପ୍ରଶ୍ୱାସରେ ଶରୀର ଭିତରକୁ ଯାଇଥାଏ। ବଡ଼ମାନଙ୍କ ତୁଳନାରେ ପିଲାମାନଙ୍କ ଶ୍ୱାସକ୍ରିୟା ଅଧିକ ରହିଥିବାରୁ ସେମାନଙ୍କ ଶରୀର ଭିତରକୁ ଏହି ବିଷାକ୍ତ ବାୟୁ ରକ୍ତ ସଞ୍ଚାଳନ, ଫୁସ୍‌ଫୁସ୍ ଓ ସେମାନଙ୍କ ଶାରୀରିକ ଅଭିବୃଦ୍ଧିକୁ ଗୁରୁତର ଭାବେ ପ୍ରଭାବିତ କରିଥାଏ।

ସେହିପରି କେବଳ ପିଲାମାନେ ନୁହଁନ୍ତି ଗର୍ଭବତୀ ମହିଳା ଓ ଗର୍ଭରେ ଥିବା ପିଲାଟି ପାଇଁ ଏହି ପ୍ରଦୂଷିତ ବାୟୁ ଭୟାନକ ବିପଦ ସୃଷ୍ଟି କରେ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ତଥ୍ୟ ଏହା ସୂଚାଉଛି ଯେ, ପିଏମ୍ ମାତ୍ର ୧୦ ମାଇକ୍ରୋଗ୍ରାମ ବଢ଼ିଲେ ମୃତ୍ୟୁହାର ୩ ଦଶମିକରୁ ୨୬ ଦଶମିକ ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ। ନିକଟରେ ଏକ ୟୁରୋପୀୟ ମହାକାଶ ଗବେଷଣା ସଂସ୍ଥା ମହାକାଶକୁ ପଠାଇଥିବା ଉପଗ୍ରହ ଯାହାର ନାମ ସେଣ୍ଟିନାଲ୫ ତଥ୍ୟ ଜଣାଇଛି ଯେ ବିଷାକ୍ତ ନାଇଟ୍ରୋଜେନ ଅକ୍ସାଇଡ଼୍ ଧୂଆଁ ଓ ଧୂଳି ବ୍ୟାପିବା ଯୋଗୁଁ ବିଶ୍ୱର ୫୦ଟି ସହର ତଥା ଅଭିବୃଦ୍ଧି ସମ୍ପନ୍ନ ଶିଳ୍ପାଞ୍ଚଳ ବାୟୁମଣ୍ଡଳରେ ପ୍ରଦୂଷଣର ମାତ୍ରାକୁ ଗମ୍ଭୀର କରିବା ସହ ଏଥିରେ ବିପଦଜ୍ଜନକ ବା ହଟସ୍ପଟ ରହିଛି। ଚୀନର ଦଶଟି, ୟୁରୋପର ଚାରିଟି, ଆରବର ଆଠଟି ଓ ଭାରତର ତିନଟି ଶିଳ୍ପାଞ୍ଚଳ ସହର ଏହା ଭିତରେ ରହିଛି। ଭାରତର ଏନ୍‌ସିଆର ବା ଜାତୀୟ ରାଜଧାନୀ ଅଞ୍ଚଳ କୁହାଯାଉଥିବା ଦିଲ୍ଲୀ, ଉତ୍ତର ପ୍ରଦେଶର ସୋନଭଦ୍ରା, ମଧ୍ୟପ୍ରଦେଶର ସିଂଗରୌଲି ସମେତ ଓଡ଼ିଶାର କୋଇଲା ସମୃଦ୍ଧ କଳାହୀରାର କ୍ଷେତ୍ର କୁହାଯାଉଥିବା ତାଳଚେର ଅନୁଗୁଳ ହେଉଛି ପ୍ରମୁଖ ହଟସ୍ପଟ। ତାଳଚେରର ଜାତୀୟ ତାପଜ ବିଦ୍ୟୁତ ନିଗମ କୋଇଲା ଇନ୍ଧନଭିତ୍ତିକ ଶକ୍ତି କେନ୍ଦ୍ର ରହିଥିବାରୁ ଏହି ଅଞ୍ଚଳର ବାୟୁମଣ୍ଡଳ ସାଙ୍ଘାତିକ ଭାବେ ପ୍ରଦୂଷଣର ଶିକାର ହେଉଛି। ଏଠାରେ କୋଇଲା ଉତ୍ତୋଳନ ସହ ଲଗାତାର ପରିବହନ ହେଉଥିବାରୁ ବାୟୁ ପ୍ରଦୂଷଣ ସ୍ଥିତି ବିଗିଡ଼ିବା ଅବସ୍ଥାରେ ପହଞ୍ଚି ସାରିଲାଣି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ତଥ୍ୟ ଅନୁଯାୟୀ ତାଳଚେର ଅନୁଗୁଳ ବାୟୁମଣ୍ଡଳର ପ୍ରତି ତିନିଘନ ମିଟର ବାୟୁରେ ପିଏମ୍୧୦ ମାତ୍ରା ସର୍ବନିମ୍ନ ୩୨ରୁ ସର୍ବାଧିକ ୨୦୦୮ ମାଇକ୍ରୋଗ୍ରାମରେ ଓ ପିଏମ୍ ୨.୫ ମାତ୍ରା ୧୬ରୁ ୧୫୩ ମାଇକ୍ରୋଗ୍ରାମରେ ପହଞ୍ଚିଥିଲା। ସେହି ସମୟରେ ଦ୍ୱୈତନଗରୀ ଭୁବନେଶ୍ୱରରେ ପିଏମ୍୧୦ ମାତ୍ରା ସର୍ବାଧିକ ୩୨୯ ଓ ପିଏମ୍ ୨.୫ ମାତ୍ରା ୩୩୧ ମାଇକ୍ରୋଗ୍ରାମରେ ରହିଥିଲା। ସେହି ସମୟରେ କଟକରେ ପିଏମ୍୧୦ ଓ ପିଏମ୍ ୨.୫ର ସର୍ବାଧିକ ମାତ୍ରା ଯଥାକ୍ରମେ ୩୩୫ ଓ ୨୦୫ ମାଇକ୍ରୋଗ୍ରାମ ଥିଲା। ଯେଉଁଠି ପାରାଦ୍ୱୀପରେ ପିଏମ୍୧୦ ଓ ପିଏମ୍୨.୫ ଯଥାକ୍ରମେ ୩୮୬ ଓ ୧୫୫ ମାଇକ୍ରୋଗ୍ରାମ ଥିବାବେଳେ ପୁରୀରେ ୨୨୩ ଓ ୧୭୭, କୋଣାର୍କରେ ୨୪୮ ଓ ୮୫ ଓ ରାଉରକେଲାରେ ଯଥାକ୍ରମେ ୪୩୩ ଓ ୧୨୯ ମାଇକ୍ରୋଗ୍ରାମ ରହିଥିଲା। ଶିଳ୍ପ ସମୃଦ୍ଧ ଝାରସୁଗୁଡ଼ା ଓ ସମ୍ବଲପୁରରେ ପିଏମ୍ ମାତ୍ର ୫୮୦ ଓ ୫୨୫ ମାଇକ୍ରୋଗ୍ରାମ ଥିବାବେଳେ ଯାଜପୁର କଳିଙ୍ଗନଗରରେ ପିଏମ୍ ମାତ୍ରା ସର୍ବାଧିକ ୨୬୨ ମାଇକ୍ରୋଗ୍ରାମ ଥିଲା। ଦିନକୁ ଦିନ ଯାନବାହାନ ଓ ଶିଳ୍ପାୟନ ସହ ଗଛ ବ୍ୟାପକ କଟାଯିବା ସହ କଂକ୍ରିଟ ଜଙ୍ଗଲ ଯଥେଷ୍ଟ ବଢ଼ୁଥିବାରୁ ବାୟୁ ପ୍ରଦୂଷଣ ଉଦ୍‌ବେଗଜନକ ଭାବେ ବଢ଼ୁଛି। ଦ୍ୱୈତ ନଗରୀରେ ଗାଡ଼ି ଧୂଆଁ ବାୟୁପ୍ରଦୂଷଣର ସାଙ୍ଘାତିକ କାରଣ। ରାଜ୍ୟ ସରକାର ଶିଳ୍ପ କ୍ଷେତ୍ରରେ ଭୟାବହ ବାୟୁପ୍ରଦୂଷଣକୁ ରୋକ ଲଗାଇବା ପାଇଁ ଶିଳ୍ପ ସଂସ୍ଥାଙ୍କ ଷ୍ଟାରରେଟିଂ ବ୍ୟବସ୍ଥା କାର୍ଯ୍ୟକାରୀ କରିଥିଲେ ମଧ୍ୟ ତାର ସୁଫଳ ମିଳିପାରୁନାହିଁ। ସଘନ ବନୀକରଣ ସହ ଧୂଳି ଓ ଧୂଆଁରୁ ନିସ୍ତାର ପାଇବା ପାଇଁ ଯୁଦ୍ଧକାଳୀନଭିତ୍ତିରେ ନିଷ୍ଠାପର କାର୍ଯ୍ୟ ଦରକାର। ଦିନକୁ ଦିନ ପ୍ରଦୂଷିତ ବାୟୁମଣ୍ଡଳ ଲୋକମାନଙ୍କ କେବଳ ଧନଜୀବନ ନୁହେଁ ସ୍ୱାସ୍ଥ୍ୟର ଗୁରୁତ୍ୱପୂର୍ଣ୍ଣ ଦିଗକୁ ଧୀରେ ଧୀରେ ପ୍ରଭାବିତ କରୁଛନ୍ତି। ବ୍ୟାପକ ଗଛ କଟାଯାଉଥିବାରୁ ଆମ୍ଭେମାନେ ଅମ୍ଳଜାନ ଦିନକୁ ଦିନ କମ୍ ପାଉଛେ ଓ ଏହା ପ୍ରଦୂଷିତ ହେଉଛି ମଧ୍ୟ। ଏହା ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ବଡ଼ କାରଣ। ତେବେ ବାୟୁ ପ୍ରଦୂଷଣ ରୋକିବା ପାଇଁ କେବଳ ସରକାର ବା ତାଙ୍କ ବ୍ୟବସ୍ଥା ଉପରେ ନିର୍ଭର କଲେ ଚଳିବ ନାହିଁ ଏ କ୍ଷେତ୍ରରେ ସଚେତନ ହେବା ସହ ଆମ ପରିପାର୍ଶ୍ୱିକ ବ୍ୟବସ୍ଥାକୁ ସଫା ଓ ପରିଷ୍କାର ରଖିବା ସହ ବୃକ୍ଷ ରୋପଣକୁ ଗୁରୁତ୍ୱ ଦେବା ଅତ୍ୟନ୍ତ ଜରୁରୀ ।